ଶନିବାର, ୩୧ ମେ, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

(ଦୁଇ ସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ସାଙ୍ଗ : ଆରେ ସାଙ୍ଗ, ତୁ କ'ଣ ଉଦାସ ହୋଇ ବସିଛୁ , କ'ଣ ହୋଇଛି ତୋର ?
ଦ୍ୱିତୀୟ ସାଙ୍ଗ: ଜାଣିଲୁ ସାଙ୍ଗ, ମୋ ମୋବାଇଲ ପାଣିରେ ପଡ଼ିଗଲା ।
ପ୍ରଥମ ସାଙ୍ଗ : ସେଇଟା ୧୦ ହଜାର ଟଙ୍କାର ମୋବାଇଲ ଥିଲା ମନଦୁଃଖ କାଇଁ କରୁଛୁ ?
ଦ୍ୱିତୀୟ ସାଙ୍ଗ: ମୋବାଇଲ ଓଦା ଯୋଗୁ ମନ ଦୁଃଖ କରୁନି ।
ପ୍ରଥମ ସାଙ୍ଗ: ଆଉ କ'ଣ ପାଇଁ ମନ ଦୁଃଖ କରୁଛୁ ?
ଦ୍ୱିତୀୟ ସାଙ୍ଗ: ମୋ ଗୁଗୁଲ୍ ପେ' ଆକାଉଣ୍ଟରେ ୨ ଲକ୍ଷ ଟଙ୍କା ଥିଲା, ସେ ସବୁ ଓଦା ହୋଇଗଲା ।

---

ଭାନୁ: ମନୁ ଭାଇ, କ'ଣ ଦିନସାରା ବସି ଟିଭି ଦେଖୁଛୁ ?
ମନୁ: ଆଉ କ'ଣ କରିବି ?
ଭାନୁ: ଚାଲ୍ ପିଜା ଖାଇବା ।
ମନୁ : ମୋ ପାଖରେ ଟଙ୍କା ନାହିଁ ।
ଭାନୁ: ମୁଁ ବା ରୋଜଗାର କଲାଣି । ହଉ ଠିକ୍ ଅଛି, ମୁଁ ଏକୁଟିଆ ଯାଇ ପିଜା ଖାଇ ଆସୁଛି ତୁ ଏଠି ବସି ଟିଭି ଦେଖୁଥା' ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ପ୍ଲାଷ୍ଟିକ୍ ବର୍ଜନ ଅଭିଯାନ



## ଗପ

ଚଗଲାର ଦହିବରାରେ ଭାରି ଲୋଭ । ବେଳେବେଳେ ବୁଲିବାକୁ ଗଲେ ସେ ବାଟରୁ ଦହିବରା ନ ଖାଇଲେ ତା'ର ମନ ଭରେନି । ଦିନେ ମାଧିଆ ଦହିବରା ଦୋକାନକୁ ଚଗଲା ଯାଇଥିଲା । ମାଧିଆ ହେଉଛି ତାଙ୍କ ଗାଁର ଲୋକ । ଦହିବରା ବେପାର କରି ପରିବାର ଚଳାଏ । ଚଗଲା ପାଇଁ ବେଶ୍ ବଢିଆ ଦହିବରା ପ୍ରସ୍ତୁତ କରି ମାଧିଆ ଖାଇବାକୁ ଦେଲା । ମାଧିଆର ସ୍ୱାଦିଷ୍ଟ ଦହିବରା ଖାଇ ଚଗଲା ଭୁଲି ପାରିଲାନି । ଏବେ ସେ ଯେତେବେଳେ ଦହିବରା ଖାଇବାକୁ ମନ କରେ ଚାଲିଯାଏ ମାଧିଆ ଦହିବରା ଦୋକାନକୁ ।

ଥରେ ଚଗଲା ତା'ର ସାଙ୍ଗମାନଙ୍କ ସହିତ ବିଜ୍ଞାନ ମେଳାକୁ ବୁଲିବାକୁ ଯାଇଥିଲା । ସେଠାରେ ସେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିଲା । ତା' ଭିତରେ ପ୍ଲାଷ୍ଟିକର ବିଷକ୍ରିୟା ଓ ଆମ ଶରୀର ଉପରେ ପ୍ରଭାବକୁ ନେଇ ଏକ ପ୍ରକଳ୍ପ ଥିଲା । ତାହାକୁ ଦେଖିଲା ଚଗଲା । ବିଭିନ୍ନ ପ୍ଲାଷ୍ଟିକ ଉପକରଣ ଯଥା ପ୍ଲାଷ୍ଟିକ୍ ଚାମଚ, ଥର୍ମୋକୁଲ ଗିନା, ପ୍ଲାଷ୍ଟିକ ଥଳି ଇତ୍ୟାଦିର ବ୍ୟବହାର କରି ଆମର ଖାଦ୍ୟକୁ ପ୍ରଦୂଷିତ କରୁ ଓ ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରକୁ ଯାଏ । ଫଳରେ କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ଆମକୁ ହୁଏ । ଏହା ଦେଖି ଚଗଲା ନିଷ୍ପତ୍ତି କଲା ଯେ ସେ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ କାମ କରିବ । ତହିଁ ଆରଦିନ ଚଗଲା ଗଲା ଦହିବରା ଖାଇବାକୁ ମାଧିଆ ଦୋକାନକୁ । ବିଜ୍ଞାନ ମେଳାରୁ ଯାହା ଶିଖିଥିଲା ସବୁ ବୁଝାଇ କହିଲା ଓ ଏକଥା କହିଲା ଯେ ତୁମଠାରୁ ପ୍ଲାଷ୍ଟିକ ବର୍ଜନ ଅଭିଯାନ ଆରମ୍ଭ କରିବା ।

ମାଧିଆ ସବୁ ଶୁଣି କହିଲା ଇଏ ତ ଅତି ଭଲ କଥା । ମାଧିଆ ତ ଦହିବରା ଦୋକାନୀ ସଂଘର ସଭାପତି । ଏଣୁ ସେ ଏକ ଭର୍ଚୁଆଲ ମିଟିଂ କରି ସବୁ ଦହିବରା ଦୋକାନୀକୁ ଏକାଠି କଲା ଓ ପ୍ଲାଷ୍ଟିକ୍ ବର୍ଜନ ପାଇଁ କହିଲା । ଚଗଲାର ପ୍ରସ୍ତାବ ଅନୁସାରେ ସବୁ ଦହିବରା ଦୋକାନୀ ପ୍ଲାଷ୍ଟିକ ଚାମଚ, ଥର୍ମୋକୁଲ ଗିନା ବର୍ଜନ କରି ତାଳପତ୍ର କିମ୍ବା ଜୈବ ବସ୍ତୁରେ ପ୍ରସ୍ତୁତ ଗିନା ଚାମଚ ବ୍ୟବହାର ପାଇଁ ନିଷ୍ପତ୍ତି ନେଲେ ।

ସେହି ଦିନଠାରୁ କୌଣସି ଦହିବରା ଦୋକାନୀ ପ୍ଲାଷ୍ଟିକ୍ ତିଆରି ଜିନିଷ ବ୍ୟବହାର କଲେ ନାହିଁ । ଏହାପରେ ବି ଚଗଲା ଚୁପ୍ ହୋଇ ବସିଲା ନାହିଁ । ସବୁ ଦହିବରା ଦୋକାନୀଙ୍କ ସହାୟତାରେ ବଜାରର ଅନ୍ୟ ବ୍ୟବସାୟୀମାନଙ୍କୁ ବୁଝେଇଲା ।

ତାର ଏଭଳି ସଚେତନତା ଫଳରେ କିଛିଦିନ ପରେ ଅନ୍ୟ ଦୋକାନୀମାନେ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାର କଲେ ନାହିଁ । ପରେ ସମସ୍ତେ ମିଶି ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ପ୍ଲାଷ୍ଟିକ୍ ଉତ୍ପାଦନ ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ, ଯାହାଫଳରେ ପରିବେଶ ସୁସ୍ଥ ଓ ସୁରକ୍ଷିତ ରହିପାରିବ । ଚଗଲା ଓ ମାଧିଆର ଏହି ପ୍ଲାଷ୍ଟିକ୍ ବର୍ଜନ ଅଭିଯାନ ପାଇଁ ସମସ୍ତେ ସେହି ଦୁଇଜଣଙ୍କୁ ପ୍ରଶଂସା କରିବା ସହିତ ସମ୍ମାନିତ କଲେ ।

**– ଶୁଭ ନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି , ପୁରୀ
ମୋ: ୯୪୩୮୪୩୨୦୨୩

# ସବୁଠୁ ଅଧିକ ଫିଲ୍ମ ଲୋକେଶନ



ଫିଲ୍ମ ଶୁଟିଂ ନିମନ୍ତେ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି ନିର୍ମାତା ଓ ନିର୍ଦ୍ଦେଶକମାନେ । ସବୁ ଦେଶରେ ଏଥିପାଇଁ ଅନେକ ସୁନ୍ଦର ସ୍ଥାନ ସବୁ ରହିଛି । କେତେକ ସ୍ଥାନରେ ମନୋମୁଗ୍ଧକର ପ୍ରାକୃତିକ ପରିବେଶରେ ଫିଲ୍ମ ତିଆରି କରାଯାଏ । ଆଉ କେତେକ ସ୍ଥାନରେ ଫିଲ୍ମ ଶୁଟିଂ ନିମନ୍ତେ ସ୍ୱତନ୍ତ୍ରଭାବେ ସ୍ଥାନ ତିଆରି କରାଯାଇ ବ୍ୟବସ୍ଥା ମଧ୍ୟ କରାଯାଇଛି । ଅର୍ଥାତ୍ ଗୋଟିଏ ସ୍ଥାନରେ ପୃଥିବୀର ବିଭିନ୍ନ ଅଞ୍ଚଳକୁ ଦେଖାଇବାକୁ ପ୍ରୟାସ କରାଯାଇଥାଏ । ଏମିତିକି ବିଭିନ୍ନ ଦେଶର ଭିନ୍ନ ଭିନ୍ନ ସହରକୁ ମଧ୍ୟ କୃତ୍ରିମ ଭାବରେ ସ୍ଥାନ ଦିଆଯାଇଥାଏ । ତେଣୁ ଭାରତରେ ଥିଲେ ବି ଆମେରିକା, କାନାଡା, ଜାପାନ ଆଦି ବିଭିନ୍ନ ଦେଶର ଲୋକେଶନ୍ ତିଆରି କରାଯାଇଥାଏ । ତେବେ ନ୍ୟୁୟର୍କରେ ଏମିତି ଏକ ପାର୍କ ରହିଛି ଯେଉଁଠି ସର୍ବାଧିକ ଫିଲ୍ମ ଲୋକେଶନ ରହିଛି । ପାର୍କଟି ୮୪୩ ଏକର ପର୍ଯ୍ୟନ୍ତ ବିସ୍ତୃତ । ପ୍ରଥମେ ୧୮୫୮ ମସିହାରେ ଏହା ସାଧାରଣ ଲୋକଙ୍କ ପାଇଁ ଖୋଲିଥିଲା । ଏହା ଭିତରେ ବିଭିନ୍ନ ପ୍ରକାରର ହ୍ରଦ, ଅଭୟାରଣ୍ୟ ଠାରୁ ଆରମ୍ଭ କରି ଚିଡ଼ିଆଖାନା, ମଲ୍, ଥିଏଟର ଆଦି ସବୁକିଛି ରହିଛି । ତେଣୁ ଗୋଟିଏ ସ୍ଥାନରେ ସମସ୍ତ ସୁବିଧା ମିଳୁଥିବାରୁ ଫିଲ୍ମ ତିଆରି ପାଇଁ ଏହି ସ୍ଥାନ ବହୁତ ଭଲ । ସେଥିପାଇଁ ଏହି ପାର୍କଟି ପୃଥିବୀର ସବୁଠୁ ଅଧିକ ଫିଲ୍ମ ଲୋକେଶନ ଥିବାର ମାନ୍ୟତା ହାସଲ କରିଛି ।

# ମତାମତ

▸▸ ଆଇନା ପୃଷ୍ଠାରେ ପ୍ରକାଶ ପାଇଥିବା ଫଟୋ ଦୁଇଟି ସୁନ୍ଦର ହୋଇଥିଲା ।

**– ବିଜୟ ସାହୁ, ସୁନ୍ଦରଗଡ଼**

▸▸ ଗାଁଠୁ ବି ଛୋଟ କେତୋଟି ଦେଶ ସମ୍ପର୍କରେ ଜାଣିବା ସହ ଦୀର୍ଘତମ ପୋଲ ଏବଂ ଗଧମେଳା କେଉଁଠାରେ ଅନୁଷ୍ଠିତ ହୁଏ, ସେ ବିଷୟରେ କିଛି ଜାଣିବାକୁ ପାଇଲି ।

**– ସ୍ମୃତିରେଖା ସ୍ୱାଇଁ, କୋରାପୁଟ**

▸▸ ସର୍ବକନିଷ୍ଠ କ୍ୟୁବ୍ ସମାଧାନକାରୀ କନିକା ଭାଗତିୟା କିପରି ଏତେ କମ୍ ବୟସରେ ରୁବିକ୍ କ୍ୟୁବ୍‌ର ସମାଧାନ କରି ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିଛନ୍ତି ତାହା ଜାଣି ଆଶ୍ଚର୍ଯ୍ୟ ହେଲି ।

**–ବିସ୍ମୟ ରଞ୍ଜନ ସାମଲ, ବ୍ରହ୍ମପୁର**

# ରଙ୍ଗ ଦିଅ





**ଆଧୁନିକ ଲାଇଫ୍‌ଷ୍ଟାଇଲ୍ ପାଇଁ ଅନେକ କ୍ଷେତ୍ରରେ ପିଲାମାନେ ମେଦବହୁଳତାର ଶିକାର ହେଉଛନ୍ତି। ତେବେ ଏହା କୌଣସି ରୋଗ ନୁହେଁ ବରଂ ଛୋଟବେଳରୁ ସଚେତନ ରହିଲେ ଏହି ସମସ୍ୟା ରହିବ ନାହିଁ**



# ପିଲା ରହିବେ ଫିଟ୍

ମେଦବହୁଳତା ବା ମୋଟାପଣ କୌଣସି ଏକ ରୋଗ ନୁହେଁ, ଏହା କେବଳ ଜୀବନଶୈଳୀର ଏକ ପ୍ରଭାବ। ପିଲାଙ୍କ କ୍ଷେତ୍ରରେ ଏହି ସମସ୍ୟା ଚିନ୍ତାଜନକ। କାରଣ ଭବିଷ୍ୟତରେ ଏଥିପାଇଁ ଅନେକ ଶାରୀରିକ ସମସ୍ୟା ଦେଖାଦେଇପାରେ। ତେଣୁ ପିଲାଙ୍କୁ ଏନେଇ ସଚେତନ ହେବା ଦରକାର। ଛୋଟବେଳରୁ ଏକ ସନ୍ତୁଳିତ ହେଲ୍‌ଦି ଡାଏଟ୍ ଖାଇଲେ ହିଁ ଓଜନ ନିୟନ୍ତ୍ରିତ ରହିପାରିବ। ତେବେ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପିଲାମାନେ କେଉଁ ସବୁ ଦିଗକୁ ନେଇ ସଚେତନ ହେବା ଦରକାର ସେନେଇ ଜାଣି ରଖନ୍ତୁ।

## ଖାଦ୍ୟଶୈଳୀ

ସାଧାରଣତଃ ଖାଦ୍ୟଶୈଳୀକୁ ନେଇ ପିଲାମାନେ ବିଚାର କରିପାରନ୍ତି ନାହିଁ। ବରଂ ପାଟିକୁ ଭଲ ଲାଗୁଥିବା ଖାଦ୍ୟ ଖାଇବା ପାଇଁ ସେମାନଙ୍କର ଆକର୍ଷଣ ଅଧିକ ଥାଏ। ସେଥିପାଇଁ ଅନେକ ସମୟରେ ଜଙ୍କଫୁଡ୍ ଖାଇଥାନ୍ତି। କିନ୍ତୁ ସେସବୁ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ। ଏନେଇ ସବୁ ସ୍ତରରେ ସଚେତନତା ସୃଷ୍ଟି କରାଯାଉଛି। ତେଣୁ ଏସବୁ ଖାଦ୍ୟକୁ ଆଭଏଡ୍ କରି ହେଲ୍‌ଦି ଡାଏଟ୍ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ବିଶେଷକରି ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ସବୁବେଳେ ଖାଇବା ଭଲ। ଏହା ସହିତ ବିଭିନ୍ନ ପ୍ରକାରର ଫଳ ମଧ୍ୟ ଖାଇବା ଦରକାର। ତା'ଛଡା ଖାଇବା ପରେ କେଉଁଭଳି ଲାଗୁଛି ସେହି ଅନୁଭବକୁ ବୁଝନ୍ତୁ। ଖାଇବା ସହିତ ଠିକ୍ ସମୟରେ ତଥା ଉପଯୁକ୍ତ ପରିମାଣରେ ପାଣି ପିଇବା ମଧ୍ୟ ଜରୁରୀ।

## ବିଜ୍ଞାପନର ସତ

ବିଭିନ୍ନ ପ୍ରକାର ପ୍ୟାକେଟ୍ ଖାଦ୍ୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ନିମନ୍ତେ ବହୁ ଲୋଭନୀୟ ବିଜ୍ଞାପନ ଦେଖାଯାଇଥାଏ। କିନ୍ତୁ ମନେରଖିବା ଉଚିତ କି ବିଜ୍ଞାପନରେ କୁହାଯାଉଥିବା ସବୁ ପ୍ରତିଶ୍ରୁତି ଶହେ ପ୍ରତିଶତ ସତ ନୁହେଁ। ତେଣୁ ବିଭିନ୍ନ ପ୍ରକାର ପ୍ରିଜରଭେଟିଭ୍ ଦିଆଯାଇଥିବା ପ୍ୟାକେଟ୍ ଖାଦ୍ୟ ପ୍ରତି ଆକୃଷ୍ଟ ହୁଅନ୍ତୁ ନାହିଁ। ଏସବୁ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ। ତେଣୁ ବିଜ୍ଞାପନ କିମ୍ବା ପ୍ୟାକେଟ୍ ଉପରେ ଦିଆଯାଇଥିବା ଚିତ୍ରକୁ ଦେଖି ପ୍ରଭାବିତ ହୁଅନ୍ତୁ ନାହିଁ।

## ଆଉଟଡୋର୍ ଗେମ୍

ଆଜିକାଲି ପିଲାମାନେ ପ୍ରାୟତଃ ମୋବାଇଲ୍ କିମ୍ବା ଟିଭି ଦେଖିବା ପାଇଁ ବହୁ ସମୟ ବସି ରହୁଛନ୍ତି। ଏହା ଫଳରେ ସେମାନଙ୍କର ଫିଜିକାଲ୍ ଆକ୍ଟିଭିଟି କମିଯାଉଛି। ପିଲାଙ୍କ କ୍ଷେତ୍ରରେ ଓବେସିଟି ଦେଖାଯିବାର ଏହା ମଧ୍ୟ ଏକ କାରଣ ପାଲଟୁଛି। ତେଣୁ ପିଲାମାନେ ପାଠପଢା ସମୟ ପରେ ଘରେ ବିଭିନ୍ନ ପ୍ରକାରର ଛୋଟମୋଟ କାମ କରନ୍ତୁ। ଏହା ସହିତ ଆଉଟଡୋର୍ ଗେମ୍ ନିଶ୍ଚୟ ଖେଳନ୍ତୁ। ଏହା ବ୍ୟତୀତ ଦୌଡିବା, ସାଇକେଲ ଚଲାଇବା ଓ ପହଁରିବା ଭଳି ବିଭିନ୍ନ ଖେଳରେ ନିଜକୁ ସାମିଲ କରନ୍ତୁ। ଏହା ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

## ଲାଇଫ୍‌ଷ୍ଟାଇଲ୍

ସୁସ୍ଥ ଜୀବନଶୈଳୀ ନିମନ୍ତେ ସବୁ କାମ ଠିକ୍ ସମୟରେ କରନ୍ତୁ। ଅର୍ଥାତ୍ ଠିକ୍ ସମୟରେ ଖାଇବା ଓ ଠିକ୍ ସମୟରେ ଶୋଇବା ଦରକାର। ଏହା ସହିତ ସକାଳୁ ଶୀଘ୍ର ଉଠିବା ସହିତ ନିତ୍ୟକର୍ମ ସବୁ ଉପଯୁକ୍ତ ସମୟରେ ଶେଷ କରିବା ଦରକାର। ପିଲାମାନେ ଏସବୁ ଭଲ ଅଭ୍ୟାସଗୁଡ଼ିକୁ ଆପଣାଇପାରିଲେ ଶୃଙ୍ଖଳିତ ହେବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ।





## ମନେରଖନ୍ତୁ

- ଟିଭି କିମ୍ବା ଫୋନ୍ ଦେଖି ଖାଇବା ବଦଳରେ ପରିବାର ସହିତ ଏକାଠି ଖାଆନ୍ତୁ।
- ଫଳ ଓ ପନିପରିବା ଅଧିକ ଖାଆନ୍ତୁ।
- ରେଡିମେଡ୍ ଖାଦ୍ୟ ଓ ଫାଷ୍ଟଫୁଡ୍ ଖାଆନ୍ତୁ ନାହିଁ। ପ୍ରତିଦିନ ଘର ତିଆରି ଜଳଖିଆ ନିଶ୍ଚୟ ଖାଆନ୍ତୁ।
- ମିଠା ପାନୀୟ ପିଅନ୍ତୁ ନାହିଁ।
- ଭୋଜନ ପୂର୍ବରୁ ଅଧିକ ଥିବା ଖାଦ୍ୟକୁ ଆଗୁଆ କାଢି ଦେବା ପାଇଁ କୁହନ୍ତୁ।
- ନିଜର ଓଜନ ଅଧିକ ହୋଇଥିବାର ଅନୁଭବ କଲେ ଘରେ ଗୁରୁଜନଙ୍କ ସହିତ ମନକଥା ଖୋଲି କୁହନ୍ତୁ। ଓଜନ କମ୍ କରିବା ପାଇଁ କ'ଣ ସବୁ କରିବାକୁ ହେବ ସେମାନଙ୍କଠାରୁ ପରାମର୍ଶ ନିଅନ୍ତୁ।
- ପିଲାଙ୍କ ପାଇଁ ୭ରୁ ୮ ଘଣ୍ଟାର ନିଦ ନିହାତି ଆବଶ୍ୟକ। ତେଣୁ ଠିକ୍ ସମୟରେ ଶୋଇବା ଅଭ୍ୟାସ କରନ୍ତୁ।

## ଏମାନେ କ'ଣ କରନ୍ତି

### ମାମା ଯାହା କହୁଛି କରୁଛି



ବୟସ ତୁଳନାରେ ମୋର ଓଜନ ବହୁତ ବଢିଯାଇଛି। ସେଥିପାଇଁ ଏବେ ମାମା ଯାହା କହୁଛି ସେୟା କରୁଛି। ସକାଳୁ ଉଠି ତଳେ ରାସ୍ତାକୁ ଯାଇ ୧୫ ମିନିଟ ପର୍ଯ୍ୟନ୍ତ ଦୌଡୁଛି। ତା'ପରେ ଆଉ ବାହାର ଦୋକାନରୁ କିଛି ତେଲ ଛଣା ଜିନିଷ ଖାଉନି। ଘରେ ମାମା ଯାହା ତିଆରି କରି ଦେଉଛି ସେଇଟା ଖାଉଛି। ଆଉ ୪ଟାବେଳେ ତଳେ ଯାଇ ସାଙ୍ଗମାନଙ୍କ ସହିତ କ୍ରିକେଟ ଓ ଫୁଟ୍‌ବଲ ଖେଳୁଛି। ଛୁଟି ପରେ ସ୍କୁଲ ଖୋଲିଲେ ବି ସକାଳୁ ଉଠି ଏସବୁ କାମ କରିବା ବନ୍ଦ କରିବି ନାହିଁ।

**– ଅଭିସ୍ମିତ୍ ସାମଲ**

କ୍ଲାସ୍-୪, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର

### ଫାଷ୍ଟଫୁଡ୍ ଖାଉନି

ଆଗରୁ ଜାଣି ପାରୁ ନ ଥିଲି ବହୁତ ବାହାର ଜିନିଷ ଖାଉଥିଲି। ପ୍ରାୟ ସବୁଦିନ ମ୍ୟାଗି ବି ଖାଇବାକୁ ଜିଦ୍ କରୁଥିଲି। କିନ୍ତୁ ଏସବୁ ଜିନିଷ ଆମ ପାଇଁ ଭଲ ନୁହଁ ବୋଲି ଏବେ ଜାଣି ସାରିଛି। ଘରେ ମାମା ମତେ ବୁଝେଇ ଦେଇଛ ଓ ସିଏ ଯାହା ଦବ ସେୟା ଖାଇବି ବୋଲି କହିଛି।



ସେଥିପାଇଁ କେତେଦିନ ହେଲାଣି ମ୍ୟାଗି, ପାସ୍ତା କି ରୋଲ୍ କିଛି ଖାଇନି। ଯଦି ବେଶି ଇଚ୍ଛା ହେଉଛି ମାମାଙ୍କୁ କହୁଛି ସିଏ ଘରେ ତିଆରି କରିଲେ କେବେ କେବେ ଖାଉଛି। ହେଲେ ଆଗକୁ ଏସବୁ ଖାଇବା ଜିନିଷ ପୂରା ଛାଡିଦେବି। ସବୁଠୁ ବଡ କଥା ହେଉଛି ମୁଁ ଏବେ ସବୁଦିନ ସୂର୍ଯ୍ୟ ନମସ୍କାର ଓ ଏକ୍ସରସାଇଜ୍ କରୁଛି ଆଉ ଖେଳିବା ପାଇଁ ଫିଲ୍ଡକୁ ଯାଉଛି।

**– ସାଇ ଶାଶ୍ୱତ ବେହେରା**


କ୍ଲାସ୍- ୭, ନିୟୁ ଇଣ୍ଡିଆ ପବ୍ଲିକ ସ୍କୁଲ, ଗୋପାଳପୁର, କଟକ




୧




୨



୩




୪



୫




୬




୭



୮



୯



**ସାନ୍ଭି ଶନାୟା ସା**
କ୍ଲାସ୍- ୪, ବିଜେଇଏମ୍-୧, ଗ୍ୟାରେଜ ଛକ, ଭୁବନେଶ୍ୱର
୧



**ଏସ୍. ଜି. ସାନ୍ଭି ସାଗରିକା**
କ୍ଲାସ୍- ୭, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର
୨



**ଯୋଗିତାରାଣୀ ସାହୁ**
କ୍ଲାସ୍- ୪, ଶୋଭନୀୟ ପବ୍ଲିକ ସ୍କୁଲ, ଗୋଲିଆ, ଗଞ୍ଜାମ
୩



**ସ୍ନେହାଞ୍ଜଳି ବେହେରା**
କ୍ଲାସ୍- ୮, ସରକାରୀ ବାଳିକା ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡା
୪



**ପ୍ରିୟାଂଶୁ ବେହେରା**
କ୍ଲାସ୍- ୮, ଡିଏଭି ପବ୍ଲିକ ସ୍କୁଲ, ଭଞ୍ଜନଗର, ଗଞ୍ଜାମ
୫



**ତନିଶ କୁମାର ମିଶ୍ର**
କ୍ଲାସ୍- ୬, ସତ୍ୟସାଇ ବିଦ୍ୟାବିହାର, ବାରିପଦା
୬



**ପ୍ରତୀକ ସ୍ୱାଇଁ**
କ୍ଲାସ୍- ୫, ହାପି ଆୱାର୍ସ ସ୍କୁଲ, ଭୁବନେଶ୍ୱର
୭



**ଆଦିତ୍ୟ ପଟ୍ଟନାୟକ**
କ୍ଲାସ୍-୪, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ବିହାର, ଭୁବନେଶ୍ୱର
୮



**ଅଶ୍ମଜିତ୍ ରାଉତରାୟ**
କ୍ଲାସ୍-୮, ମାର୍ଶାଘାଇ ଇଂଲିଶ ମିଡିୟମ୍ ସ୍କୁଲ, ଦରବଚ୍ଛା, କେନ୍ଦ୍ରାପଡା
୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ସବୁଠୁ ଛୋଟ ଭାକ୍ୟୁମ୍ କ୍ଲିନର

ବେଳେବେଳେ ଖିଆଲି ମନରେ ଲୋକେ ଅଜବ କାମ କରିଥାନ୍ତି। ନିଜକୁ ଖୁସି କରିବା ପାଇଁ ସେମାନେ ଏଭଳି କାମ କରନ୍ତି ସତ କିନ୍ତୁ ଏଥିପାଇଁ ନିଜର ଭିନ୍ନ ପରିଚୟ ସୃଷ୍ଟି କରିପାରନ୍ତି। ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ବିହାର ପାଟନାରେ ଥିବା ଏନ୍ଆଇଟି ଛାତ୍ର ତପାଲା ନାଦମୁନି। ଏନ୍ଆଇଟିରେ ସେ ଆର୍କିଟେକ୍ଟର ଛାତ୍ର ଅଛନ୍ତି। ତେଣୁ ବିଭିନ୍ନ ଡିଭାଇସ୍ ତିଆରି କରିବାରେ ସେ କ୍ରିଏଟିଭିଟି ଦେଖାଇ ଆସିଛନ୍ତି। ଏବେ ସବୁଠୁ ଛୋଟ ଭାକ୍ୟୁମ୍ କ୍ଲିନର ତିଆରି କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହାର ଲମ୍ବ ମାତ୍ର ୦.୬୫ ସେଣ୍ଟିମିଟର, ଯାହାକି ମଣିଷର ନଖଠାରୁ ମଧ୍ୟ ଛୋଟ ହୋଇପାରେ। ତେବେ ସବୁଠୁ ଛୋଟ ଭାକ୍ୟୁମ୍ କ୍ଲିନର ତିଆରି କରି ସେ ନିଜ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ୨୦୨୪ ମସିହାରେ ସେ ଏହାକୁ କରିଛନ୍ତି, ହେଲେ ଏହା ପୂର୍ବରୁ ୨୦୨୨ରେ ଆଉ ଏକ ଭାକ୍ୟୁମ କ୍ଲିନର ତିଆରି କରିଥିଲେ ଯାହା ମାତ୍ର ୦.୨ ସେଣ୍ଟିମିଟର ବଡ ଥିଲା। ୨୦୨୦ରେ ମଧ୍ୟ ସେ ୧.୭୬ ସେଣ୍ଟିମିଟରର ଭାକ୍ୟୁମ କ୍ଲିନର ତିଆରି କରି ଗିନିଜ୍ ରେକର୍ଡ କରିଥିଲେ। ତେବେ ସବୁଠୁ ଛୋଟ ତିଆରି କରିବା ପାଇଁ ସେ ୫୦ ରୁ ଅଧିକ ଡିଜାଇନ୍ ତିଆରି କରି ସାରିଲେଣି।



# କବିତା

## ପରିବେଶ ଦିବସ

ବିଶ୍ୱ ପରିବେଶ ଦିବସ ଆସୁଛି
ପାଳିବେ ଜନେ ଶ୍ରଦ୍ଧାରେ,
ପରିବେଶ ପାଇଁ ସଚେତନ ହେବେ
ସର୍ବେ ବିଶ୍ୱ ଦରବାରେ।
ଜଂଗଲକୁ କାଟି କଳ କାରଖାନା
ଗଢୁଛି ମଣିଷ ଜାତି
ସେଥିପାଇଁ ଆଜି ବରଷା ଆସୁନି
ବଢୁଛି ଗ୍ରୀଷମ ତାତି।
ଗଛ ଦେଇଥାଏ ଫୁଲ ଫଳ କାଠ
ଛାଇ ଶୁଦ୍ଧ ଅମ୍ଳଜାନ
ଗଛବିନା ଆଜି ଦୂଷିତ ପବନ
ନେଉଛି ଶତ ଜୀବନ।
ସମୟ ଆସିଛି ଆସ ସର୍ବେ ମିଳି
ପୋତିବା ନୂତନ ଚାରା
ଗଛ ବୃଦ୍ଧି ଦେଖି ବରଷା ଆସିବ
ସୁନ୍ଦର ଦିଶିବ ଧରା।
ପରିବେଶ ଆମ ରକ୍ଷାର କବଚ
ତା'ପାଇଁ କରିବା ଚିନ୍ତା
ତରୁଲତା ଦେବ ନୀଳ ସବୁଜିମା
ଦୂରେଇବ ଗ୍ରୀଷ୍ମ ବ୍ୟଥା।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍ସିଂହପୁର
ମୋ: ୭୩୫୫୬୩୪୩୪୬

## ପରଜାପତି

ଡାକିଲି ଠାରି ପରଜାପତି
ମୋ ପାଶେ ତୁ ଉଡି ଆ..
ରଙ୍ଗରଙ୍ଗିଆ ତୋ ଡେଣା ମେଲି
ହାତରେ ବସି ଯାଆ.. ।
ପଛରେ ତା'ର ଧାଇଁଛି କେତେ
ଦିଏନି ମୋତେ ଧରା
ଯେଉଁଠି ଦେଖେ ଫୁଲ ଫୁଟିଛି
ସେଇଠି ବସେ ପରା।
ଫୁଲରେ ମହୁ ରହିଛି ବୋଲି
ଫୁଲେଇ ପ୍ରଜାପତି
ମହୁକୁ ଚୂଷି ଖୁସିରେ ଉଡେ
ସେ ଗଛ ଚଉକତି।
ଡେଣାରେ ତା'ର ଛିଟମୁରୁଜ
ଆଉ କା'ପାଶେ ନାହିଁ
କେଉଁ ତୂଳୀରେ ସଜାଇ କିଏ
ଲୁଚିଛି କହ କାହିଁ ?

**– ରବୀନ୍ଦ୍ରନାଥ ମାଝୀ**
କବିତାଭବନ, ଭୁବନେଶ୍ୱର
ମୋ: ୯୪୩୭୦୯୧୮୪୧

## ସଇନ ହେବି ମୁହିଁ

ପାଠ ପଢିବି ମନ ଦେଇ ମୁଁ
ଚଗଲା ହେବି ନାହିଁ,
ଏ ମାଟି ଯଶ କୀରତି ପାଇଁ
ସଇନ ହେବି ମୁହିଁ।
ଆତଙ୍କୀ ଓଠେ ଲିଭାଇ ହସ
ବୁଣିବି ଶାନ୍ତି ବୀଜ,
ମାଆ କୋଳକୁ ଦେବି ସୁରକ୍ଷା
ଦେଖାଇ ମୋର ତେଜ।
ଶତ୍ରୁ ଆତଙ୍କ ପଣ୍ଡ କରିବି
ସୀମାରେଖାକୁ ଡେଇଁ,
ବୁଝାଇ ଦେବି ମୋ ପାଇଁ ବଡ
ପୁଣ୍ୟ ଭାରତ ଭୂଇଁ।
ଲଢୁଥିବି ମୁଁ ଲହୁ ଝରାଇ
ନ କରି ସମର୍ପଣ,
ତ୍ରିରଙ୍ଗା ମୋର ଉଡୁଥିବ ଯେ
ଆନନ୍ଦେ ପ୍ରତିକ୍ଷଣ।

**– ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ତୁମେ ହେଲେ ମହାନ୍

ବିଦ୍ୟାଳୟ ଶ୍ରେଣୀ କକ୍ଷରେ
ଚାହିଁ ବିଦ୍ୟାର୍ଥୀ ଗଣେ
ସରଳ ରେଖାଟି ଆଙ୍କିଲେ
ଗୁରୁ ନିପୁଣ ପଣେ।
କହିଲେ ଗୁରୁଜୀ ରେଖାଟି
ହେବ କ୍ଷୁଦ୍ର ଆକାର
ତିଳେ ନ ଲିଭିବ ଅଙ୍କନ
କର ଉତ୍ତର ସ୍ଥିର।
ଗମ୍ଭୀର ହୋଇଲେ ପିଲାଏ
ଦେବା ପାଇଁ ଉତ୍ତର
ଦୃଢ ମନେ ଚିନ୍ତି ଅକ୍ଷମ
ହେଲେ ଥରକୁ ଥର।
ସହାସ୍ୟ ବଦନେ ବାଳକ
ଉଠି କହିଲା ଧୀରେ
ଗୁରୁଜୀ ଏହାର ଉତ୍ତର
ମୁଁ ଯେ କରିଛି ସ୍ଥିର।
ପୂର୍ବ ରେଖା ଠାରୁ ଏ ରେଖା
ହେଲା ବୃହତ୍ତାକାର
ରେଖା ମଧ୍ୟେ କ୍ଷୁଦ୍ର ନିର୍ଣ୍ଣୟ
ଏବେ ହେଲା ଉତ୍ତର।
ସ୍ମିତହାସେ ଗୁରୁ କହିଲେ
ଶୁଣ ମୋର ବଚନ
କରି ପାର ଛୋଟ ଅନ୍ୟକୁ
ତୁମେ ହେଲେ ମହାନ।

**– ପ୍ରଦୀପ କୁମାର ଜେନା**
ହରିପୁର, ଜଟଣୀ
ମୋ: ୯୩୪୮୪୧୭୬୬୦

# ଏଥରର

- କେଉଁ ଦେଶ ସର୍ବାଧିକ ଥର ଓମେନ୍ସ ୱାର୍ଲଡ କପ୍ ଜିତିବାକୁ ସକ୍ଷମ ହୋଇଛି ?
- ସ୍ନୁକର ଗେମ୍‌ରେ ସର୍ବାଧିକ ସ୍କୋର କେତେ ହୋଇପାରେ ?
- ବିଶ୍ୱର ଉଚ୍ଚତମ ସହରର ନାମ ?
- ସୁଇଜରଲାଣ୍ଡର ୪ଟି ଜାତୀୟ ଭାଷାର ନାମ ?
- ବେଷ୍ଟ ଡାଇରେକ୍ଟର ଭାବେ ଓସ୍କାର ଜିତିଥିବା ପ୍ରଥମ ମହିଳାଙ୍କ ନାମ ?

## ଗତଥରର ଉତ୍ତର

- ୱିମ୍ବେଲଡନ୍
- ୧୯୬୧
- ଥୋମାସ ଜେଫରସନ୍
- ବେଲଜିୟମ୍
- ଆୟର୍ଲାଣ୍ଡ

## କହିଲ ଦେଖି



ଡମ୍ ଡମ୍ ଡମ୍ ଡମ୍ବରୁ ବଜାନ୍ତି
ତ୍ରିଶୂଳ ଧାରଣ ଗଳାର ଭୂଷଣ
ଭୁଜଙ୍ଗ ମାଳା
ଶ୍ମଶାନବାସୀ ତିନି ନୟନ
ତାଙ୍କ ନାମଗୋଟି କହ ଗଗନ।

ଉତ୍ତର– **ମହାଦେବ ଶିବ**



ଶିବ ଭକତଙ୍କ ବଡ଼ ପରବ
ଜ୍ୟେଷ୍ଠ ଶୁକ୍ଳଷଷ୍ଠୀ ଆମ ଗରବ
ପଞ୍ଚମୀରେ ଶିବ ବିବାହ କରି
ଘରକୁ ଫେରିବେ ମାଆଙ୍କୁ ଧରି
ଷଷ୍ଠୀରେ ହୋଇବ ଶୋଭା ଯାତରା
ଏଭଳି ପରବ ଅଟେ ନିଆରା
ପରବ ନାଆଁଟି କହିବ ଯିଏ
ଶିବଙ୍କ ଆଶିଷ ପାଇବ ସିଏ।


ଉତ୍ତର– **ଶୀତଳ ଷଷ୍ଠୀ**



ହିମାଳୟ ପିତା ମେନକା ମାତା
ହିନ୍ଦୁ ଦେବୀ ରୂପେ ହେଲେ ପୂଜିତା
ଶିବଙ୍କୁ ପାଇଲେ ତପସ୍ୟା କରି
ଗଣେଶ କାର୍ତ୍ତିକ ପୁତ୍ର ତାଙ୍କରି
ମନ୍ଦାର ଫୁଲରେ ବଡ଼ ଶରଧା
ମାଆ ନାମଗୋଟି କହିବୁ ରାଧା।

ଉତ୍ତର– **ମାତା ପାର୍ବତୀ**


**– ଜଗଦୀଶ ସାହୁ**
ସଞ୍ଜୀପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬



# କ୍ୱାଣ୍ଟମ୍ କମ୍ପ୍ୟୁଟିଂ

କ୍ୱାଣ୍ଟମ୍ କମ୍ପ୍ୟୁଟିଂ ହେଉଛି ଏକ ଅତ୍ୟାଧୁନିକ ଗଣନ ପ୍ରଣାଳୀ, ଯାହା ସାଧାରଣ ସଂଗଣକ ଯନ୍ତ୍ର ବା କମ୍ପ୍ୟୁଟର ଦ୍ୱାରା ନ ହୋଇପାରୁଥିବା କଷ୍ଟକର ସମସ୍ୟାଗୁଡ଼ିକୁ ଅତିଶୀଘ୍ର ଓ ସହଜରେ ସମାଧାନ କରିପାରେ । ସାଧାରଣ କମ୍ପ୍ୟୁଟରଗୁଡ଼ିକ ବାଇନାରି ବିଟ୍ ୦(ଶୂନ) କିମ୍ବା ୧ (ଏକ) ଉପରେ କାମ କରେ, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟର କ୍ୱାଣ୍ଟମ୍ ବିଟ୍ ବା କ୍ୟୁବିଟ୍ ବ୍ୟବହାର କରେ । ଏହି କ୍ୟୁବିଟଗୁଡ଼ିକର ଅତ୍ୟନ୍ତ ବିଶେଷ କାରଣ ହେଲା ଏଗୁଡ଼ିକ ଏକାସାଙ୍ଗରେ ୦(ଶୂନ), ୧ (ଏକ) କିମ୍ବା ଉଭୟ ଅବସ୍ଥାରେ ରହିପାରନ୍ତି । ବ୍ରିଟିଶ୍ ପଦାର୍ଥ ବିଜ୍ଞାନୀ ଡେଭିଡ୍ ଡଏଚ ହେଉଛନ୍ତି କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଗଣନ ପ୍ରଣାଳୀର ଜନକ । ଏହା ପଛରେ ଥିବା ତତ୍ତ୍ୱ ଏବଂ ନିୟମଗୁଡ଼ିକୁ ବିକାଶ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ।

କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଗଣନ ପ୍ରଣାଳୀ ସୁପରପୋଜିଶନ୍, ଏନ୍‌ଟାଙ୍ଗଲମେଣ୍ଟ ଏବଂ ଇଣ୍ଟରଫେରେନ୍ସ ପରି ତିନିଟି ନିୟମ ବ୍ୟବହାର କରି ତା'ର କାମ କରିଥାଏ । ସାଧାରଣ କମ୍ପ୍ୟୁଟର କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ପଦକ୍ଷେପରେ ସମସ୍ୟାଗୁଡ଼ିକୁ ସମାଧାନ କରେ, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟର ସମସ୍ତ ସମ୍ଭାବ୍ୟ ପଦକ୍ଷେପକୁ ଏକାଥରେ ଅନୁସନ୍ଧାନ କରିଥାଏ ଏବଂ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇ ସମସ୍ୟାର ଦ୍ରୁତ ତଥା ଶୀଘ୍ର ସମାଧାନ କରିଥାଏ । ସେଥିପାଇଁ ଏହା ବିଶେଷ କ୍ୱାଣ୍ଟମ୍ ପଦ୍ଧତି ବା କ୍ୱାଣ୍ଟମ୍ ଆଲ୍‌ଗୋରିଦମ ବ୍ୟବହାର କରିଥାଏ । କ୍ୱାଣ୍ଟମ୍ କମ୍ପ୍ୟୁଟିଂର ପ୍ରୟୋଗ ବିଭିନ୍ନ କ୍ଷେତ୍ରରେ ହୋଇଥାଏ । ଅଣୁଗୁଡ଼ିକୁ ଅନୁକରଣ କରି ନୂତନ ଔଷଧର ଆବିଷ୍କାର, ପୃଥିବୀରେ ଥିବା ଅନେକ ବୈଜ୍ଞାନିକ ତଥା ଭୌଗୋଳିକ ରହସ୍ୟର ସମାଧାନ, ଗୁପ୍ତ ବାର୍ତ୍ତା ପାଇଁ ଦୃଢ଼ ସାଇବର ସୁରକ୍ଷାର ବନ୍ଦୋବସ୍ତ, ଦ୍ରୁତତମ ପଥର ଅନୁସନ୍ଧାନ ଏବଂ ଝଡ଼ର ସଠିକ୍ ପୂର୍ବାନୁମାନ ପରି ଜଟିଳ ତଥା ବୃହତ୍ ସମସ୍ୟାଗୁଡ଼ିକର ସମାଧାନ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ବ୍ୟବହାର ଦ୍ୱାରା ହୋଇଥାଏ ।



ସାଧାରଣ କମ୍ପ୍ୟୁଟର ଦୈନନ୍ଦିନ କାର୍ଯ୍ୟ ପାଇଁ ଉତ୍ତମ, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟର ବୃହତ୍ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ଆବଶ୍ୟକ । ଉଦାହରଣ ସ୍ୱରୂପ, ଯଦି ଜଣେ ବୈଜ୍ଞାନିକଙ୍କୁ ଦଶ ଲକ୍ଷ ଚାବି ମଧ୍ୟରୁ ସଠିକ୍ ଚାବି ଖୋଜିବାକୁ ପଡ଼େ, ତେବେ ଏକ ସାଧାରଣ କମ୍ପ୍ୟୁଟର ସେଥିପାଇଁ ଦୀର୍ଘ ସମୟ ନେଇଥାଏ ; କିନ୍ତୁ ଏକ କ୍ୱାଣ୍ଟମ୍ କମ୍ପ୍ୟୁଟର ମାତ୍ର କେତେ ସେକେଣ୍ଡରେ ସଠିକ୍ ଚାବି ଖୋଜି ପାଇଥାଏ । ଅନ୍ୟ ଏକ ମଜାଦାର ଉଦାହରଣ ହେଉଛି କ୍ୱାଣ୍ଟମ୍ ମ୍ୟାଜିକ କଏନ୍ । ମନେକର ତୁମ ପାଖରେ ଏକ ମୁଦ୍ରା ବା କଏନ୍ ଅଛି, ଯାହା ଏକା ସମୟରେ ହେଡ୍ କିମ୍ବା ଟେଲ୍ ହୋଇପାରେ । ଏହା ଏକ ବିଟ୍, ଯାହାର ଏକ ସମୟରେ ମାତ୍ର ଗୋଟିଏ ତଥ୍ୟ ରହିଥାଏ । ସାଧାରଣ କମ୍ପ୍ୟୁଟର ଧୀର ଗତିରେ ଏହି କଏନ୍ ସମସ୍ୟାର ସମାଧାନ କରିଥାଏ । ତୁମେ ମୁଦ୍ରାକୁ ଟେଲ୍ ପାଇବା ନିମନ୍ତେ ଓଲଟାଇଲେ, ଯଦି ହେଡ୍ ପଡ଼ିଥାଏ, ତେବେ ପୁଣିଥରେ ଟେଲ୍ ପାଇବା ନିମନ୍ତେ ଚେଷ୍ଟା କରିଥାଅ । ଯଦି ଟେଲ୍ ମିଳିଯାଏ, ତେବେ ସମୁଦାୟ ଦୁଇଥରର ଚେଷ୍ଟାରେ ଖେଳ ସମ୍ପୂର୍ଣ୍ଣ ହୋଇଥାଏ । କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟର ଏହାକୁ ସହଜରେ ଅତିଶୀଘ୍ର ଖେଳିଥାଏ ଏକ ଯାଦୁକରି ଉପାୟରେ । କଳ୍ପନା କର ଯେ ତୁମର କଏନ୍ ଓଲଟାଇଲେ ଏକ ସମୟରେ ହେଡ୍, ଟେଲ୍ କିମ୍ବା ଉଭୟ ପଡ଼ିପାରେ । ଏହା ଏକ କ୍ୟୁବିଟ୍, ଯାହାର ଏକ ସମୟରେ ଏକାଧିକ ତଥ୍ୟ ରହିଥାଏ । ତେଣୁ ତୁମେ ଖୋଜୁଥିବା ଟେଲ୍ ଗୋଟିଏ ଚେଷ୍ଟାରେ ମିଳି ଖେଳ ସମ୍ପୂର୍ଣ୍ଣ ହୋଇଥାଏ । ଏହିପରି ଭାବରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଭୁଲ୍ ଉତ୍ତରକୁ ଅଦୃଶ୍ୟ କରିଦେଇ ସଠିକ୍ ଉତ୍ତରକୁ ଶୀଘ୍ର ତୁମକୁ ଖୋଜି ଦେଇଥାଏ ।

– ନୀହାର ରଞ୍ଜନ ସାବତ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର
ମୋ: ୯୭୭୭୦୧୧୯୬୮

# ଦାମୀ ମାଛ

ଟୁନା ମାଛ ପୃଥିବୀର ସବୁଠାରୁ ଦାମୀ ମାଛ ଭାବରେ ବେଶ୍ ଜଣାଶୁଣା । ଆସନ୍ତୁ ଜାଣିବା ଏହି ଦାମୀ ମାଛ କେଉଁଠାରେ ମିଳେ ? ଏହି ମାଛ ପ୍ରଶାନ୍ତ ମହାସାଗର ଏବଂ ଉତ୍ତର ଧ୍ରୁବୀୟ କ୍ଷେତ୍ରରେ ଦେଖିବାକୁ ମିଳିଥା'ନ୍ତି । ଏହି ମାଛ ଗଭୀର ସମୁଦ୍ରରେ ଦେଖାଯାଆନ୍ତି । ଜାପାନରେ ଏହି ଟୁନା ମାଛର ଅନ୍ୟ ଲୋକପ୍ରିୟ ନାମ ହେଉଛି 'ତୁନାକି । ନିକଟରେ ଜାପାନରେ ୨୧୦ କି.ଗ୍ରାର ଓଜନ ବିଶିଷ୍ଟ ଗୋଟିଏ ଟୁନା ମାଛ ୨ କୋଟି ୨୦ ଲକ୍ଷରେ ନିଲାମ ହୋଇଛି । ବିଶେଷ ଭାବରେ ଏହି ମାଛ ଟୋକିଓ ମାଛ ବଜାରରେ ନିଲାମ କରାଯାଇଥାଏ । ହେଲେ କେତେକ ଦେଶରେ ଏହି ମାଛ ଧରିବା ଏକ ଅପରାଧ ଭାବରେ ଗ୍ରହଣ କରାଯାଇଛି ।






ତୁମେ କେବେ ଶୁଣିଛ କି ଏମିତି ଦୋକାନ ଅଛି, ଯେଉଁଠାରେ ଦୋକାନୀ ନ ଥିବେ । ଏହା ହୁଏତ ବିଶ୍ୱାସ ନ ହୋଇପାରେ, କିନ୍ତୁ କଥାଟି ସତ । ଦୋକାନ ଖୋଲା ଥିବ, ହେଲେ ଦୋକାନୀ ନ ଥିବେ । ଏଥିରେ ବିନା କୌଣସି ଦ୍ୱିଧାରେ ତୁମେ ଚାହୁଁଥିବା ଜିନିଷସବୁ ପାଇଯିବ । ଯଦି ତୁମେ ଭାବୁଥାଅ ଯେ ଏଠାକୁ ଆସିଲେ ଟଙ୍କା ଦେବାକୁ ପଡ଼ିବନି, ଏହା ତୁମର ଭୁଲ୍ ଚିନ୍ତାଧାରା । ଏହି ଦୋକାନ ସମ୍ପୂର୍ଣ୍ଣ ରୂପେ ଅଟୋମେଟେଡ୍ ଏବଂ ରୋବୋଟିକ୍, ଯେଉଁଠି ଦୋକାନୀର ଆବଶ୍ୟକତା ପଡ଼େନାହିଁ । ଦକ୍ଷିଣ କୋରିଆର ରାଜଧାନୀ ସିଓଲଠାରେ ଏପରି ଦୋକାନସବୁ ଦେଖିବାକୁ ମିଳିଥାଏ । ଯେଉଁଠି ନା ଦୋକାନୀ ଥା'ନ୍ତି ନା ଦୋକାନକୁ ଜଗିବା ଲାଗି ଗାର୍ଡ । ଏଠାରେ ଦୋକାନ ସମ୍ପୂର୍ଣ୍ଣ ରୂପେ ଗ୍ରାହକଙ୍କ ଭରସାରେ ଚାଲିଥାଏ । ଗ୍ରାହକ ଆସିଥା'ନ୍ତି, ନିଜର ଆବଶ୍ୟକ ଜିନିଷ ନିଅନ୍ତି ଏବଂ ଅଟୋମେଟେଡ୍ ମେଶିନ୍ ସାହାଯ୍ୟରେ ପେମେଣ୍ଟ କରିଥା'ନ୍ତି । ଏପରି ହେବାର କାରଣ ଏଠାରେ ଦୋକାନରେ କାମ କରିବାକୁ ଲୋକଙ୍କ ସଂଖ୍ୟା କମ୍ । ସେଥିପାଇଁ ଦୋକାନୀମାନେ କୌଣସି ମଜୁରିଆ ରଖିବା ବଦଳରେ ଦୋକାନରେ ରୋବୋଟ୍ ରଖି ଦେଉଛନ୍ତି, ଯାହା ତାଙ୍କୁ ବହୁତ ଶସ୍ତା ପଡୁଛି ।

# ଦୋକାନୀ ନ ଥିବା ଦୋକାନ




# ଆ ଇ ନା



ଅଲ୍‌କା ପ୍ରିୟଦର୍ଶିନୀ ନନ୍ଦ

୩ ବର୍ଷ/ସୁବର୍ଣ୍ଣପୁର



ଦେବାଂଶ ମହାନ୍ତି

୪ ବର୍ଷ/ଭୁବନେଶ୍ୱର